# Akashvani, Sambalpur

## SAMBALPURI NEWS EVENING BULLETIN

## 6 December 2024- 7.02 pm- 7.12 pm.

**********************************************

୧- ଦେଶେ ଏଛେନ୍ ମହିଲାମାନ୍‌କର୍ ନେତୃତ୍ୱଥି ବିକାଶ୍‌କେ ଜୋର୍ ଦିଆଯାଉଛେ- କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ପାଲନ୍ କରାଯାଉଛେ ଗୃହରକ୍ଷୀ ଦିବସ୍ ।

୩- ଭାରତୀୟ ସମ୍ବିଧାନ୍‌ର ପୁରୋଧା ଡକ୍ଟର୍ ବି.ଆର୍. ଆମ୍ବେଦକରଙ୍କର୍ ପୁଣ୍ୟତିଥି ନ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ଉଦ୍ୟମିତା ଆଉ ଷ୍ଟାର୍ଟଅପ୍ କେ ତହଁକାବାର୍ ଲାଗି ଏମ୍‌ସିଏଲ୍ ଆର୍ ଏନ୍‌ଆଇଟି ରାଉର୍‌କେଲା ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷର୍ ।

ରାଷ୍ଟ୍ରପତି -ମୟୁର୍‌ଭଞ୍ଜ୍ ଗସ୍ତ          ଆର୍‌ଏନ୍‌ୟୁ/ କଟକ୍

ଦେଶେ ଇହାଦେ ମହିଳାଙ୍କର୍ ନେତୃତ୍ୱଥି ବିକାଶ୍‌କେ ଜୋର୍ ଦିଆଯାଉଛେ । ମହିଳାମାନ୍‌କର୍ ବିକାଶ୍ ହେଲେ ଦେଶର୍ ବିକାଶ୍ ହେବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗପୁର୍ ମହିଳା ମହାବିଦ୍ୟାଳୟ ନ ଛାତ୍ରୀମାନ୍‌କର୍ ସହେତେ ଭାବବିନିମୟ କରିକରି କହିଛନ୍ ଯେ, ଇହାଦେ ବିଜ୍ଞାନ୍‌ର ଯୁଗ । ମହିଳାମାନେ ଚନ୍ଦ୍ରପୃଷ୍ଠ ନ ପୁହୁଁଚିପାରିଛନ୍ । ମହିଳାମାନ୍‌କର୍ ପରିବର୍ତନ୍‌ଥି ଦେଶ୍ ଆର୍ ସମାଜ୍ ନ ସକାରାତ୍ମକ ପରିବର୍ତନ୍ ହେସି ବଲି ରାଷ୍ଟ୍ରପତି କହିଛନ୍ । ଶ୍ରୀମତୀ ମୁର୍ମୁ ଛାତ୍ରୀମାନ୍‌କୁ ବିଜ୍ଞାନ୍‌ଥି ଅଏତ୍‌କା ରୁଚି ବଢ଼ାବାର୍ ଲାଗି ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ମହିଳାମାନେ ନିଜେ ସକ୍ଷମ୍ ହେବାର୍ ସହେତେ ଦେଶର୍ ବିକାଶ୍ ଲାଗି ସଂକଳ୍ପ ନେବାର୍ ଦର୍‌କାର୍ ରହିଛେ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଷ୍ଟ୍ରପତି ଆଏଜ୍ ସଖାଲେ ଉପର୍‌ବେଢ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର୍ ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ସାଙ୍ଗେ ଭାବ ବିନିମୟ କରିଥିଲେ ।

ରାଷ୍ଟ୍ରପତି ଆଏବା କାଏଲ୍ ମୟୁର୍‌ଭଞ୍ଜ୍ ନ ବାଙ୍ଗିରିପୋଷି- ଗୋରୁମହିଷାଣି, ବୁରୋମରା- ଚକୁଳିଆ ଆର୍ ବାଦାମ୍‌ପାହାଡ଼- କେନ୍ଦୁଝର୍‌ଗଡ଼୍ ରେଲ୍‌ଲାଇନ୍, ଆଦିବାସୀ ଗବେଷଣା ଆଉ ବିକାଶ୍ କେନ୍ଦ୍ର, ଦାଣ୍ଡବୋଷ ଏୟାର୍‌ଷ୍ଟ୍ରିପ୍, ରାଇରଙ୍ଗପୁର୍ ଉପଖଣ୍ଡ ଚିକିତ୍ସାଳୟ ସହେତେ ଭିନ୍ ଭିନ୍

ପ୍ରକଳ୍ପର୍ ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

## ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ୍

କଲାହାଣ୍ଡି/ ବୌଦ୍ଧ/ ସୁବର୍ଣ୍ଣପୁର୍/ ବଲାଙ୍ଗିର୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଗୃହରକ୍ଷୀ ବାହିନୀର୍ ୬୨ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ରାଷ୍ଟ୍ରପତି ପ୍ରଧାନ୍‌ମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ସନ୍ଦେଶ୍ ବାର୍ତା ଦେଇଛନ୍ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ଗୃହରକ୍ଷୀ ପ୍ରତିଷ୍ଠା ଦିବସ୍ ପାଲନ୍ ଅବ୍‌ସରେ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି. ଯୋଗ୍ ଦେଇକରି ପେରେଡ୍‌ର ଅଭିବାଦନ୍ ନେବାର୍ ସହେତେ ଦେଶର୍ ଆଇନ୍ ଶୃଙ୍ଖଳା ଆଉ ସୁରକ୍ଷା ଦିଗେ ଗୃହରକ୍ଷୀମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ବଲି କହିଛନ୍ ।

ବୌଦ୍ଧ ପୁଲିସ୍ ପଡ଼ିଆଠାନେ ଗୃହରକ୍ଷୀ ପ୍ରତିଷ୍ଠା ଦିବସ୍ ଉତ୍ସବ୍‌ଥି ଏସ୍.ପି. ନାଗାରାଜୁ ଦେବର୍‌କୋଣ୍ଡା ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇଥି

ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆର୍ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବଲାଙ୍ଗିର୍ ମୋନହର୍‌ପୁର୍ ପୁଲିସ୍ ପଡ଼ିଆଠାନେ ହେଇଥିବା ଉତ୍ସବ୍‌ଥି ଏସ୍.ପି. ରିଷିକେଶ୍ ଦ୍ୟନ୍‌ଦେଓ ଖିଲାରୀ ଗୃହରକ୍ଷୀ ବାହିନୀ ପେରେଡ଼୍‌ର ଅଭିବାଦନ୍ ଗ୍ରହଣ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ୍ୟୁ ପୁଲିସ୍ ପେରେଡ଼୍ ପଡ଼ିଆଠାନେ ଜିଲ୍ଲାସ୍ତରୀୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ୍ ସମାରୋହ ନ ଅତିରିକ୍ତ ଏସ୍.ପି. ବୀରେନ୍ଦ୍ର କୁମାର୍ ନାଏକ୍ ପେରେଡ଼୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବାର୍ ସହେତେ ଜିଲ୍ଲାର୍ ଶ୍ରେଷ୍ଠ ଗୃହରକ୍ଷୀ ମାନ୍‌କୁ ସମ୍ବର୍ଦ୍ଧିତ କରିଥିଲେ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଯାତ୍ରାଥି ଅଶ୍ଳୀଳ ନୃତ୍ୟ ପରିବେଷଣ ଉପ୍‌ରେ ରୋକ୍ ଲଗାବାର୍ ଉପ୍‌ରେ ସର୍‌କାର୍ ବିଚାର୍ କରୁଛନ୍ । ଇତାର୍‌ଲାଗି ମାର୍ଗଦର୍ଶିକା ତିଆର୍ କରାଯାଉଛେ ବଲି ଆଏଜ୍ ବିଧାନ୍‌ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଇ ବାବ୍‌ଦେ ଖୋବ୍ ଜଲ୍‌ଦି ପଦ୍‌କ୍ଷେପ୍ ଗ୍ରହଣ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗଲା ୫ ବଛର୍ ଭିତ୍‌ରେ ନିଯୁକ୍ତି ମେଳା ଜରିଏ ୧ ଲାଖ୍ ୫ ହଜାର୍ ୪ ଶହ ୪୪ ଝନ୍‌କୁ ନିଯୁକ୍ତି ପତ୍ର ଦିଆଯାଇଛେ ବଲି ବିଧାନ୍‌ସଭା ନ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ୍ ସ୍ୱାଇଁ କହିଛନ୍ । ମନ୍ତ୍ରୀ କହିଛନ୍ ଯେ, ଗଲା ୧୦ ବଛର୍ ଭିତ୍‌ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୁଯୋଗ୍ ସୃଷ୍ଟି କାର୍ଯ୍ୟକ୍ରମ୍ ଜରିଏ ୧୮ ଲାଖ୍ ୪୨ ହଜାର୍ ୬୭ ଝନ୍‌କୁ ନିଯୁକ୍ତି ତାଲିମ୍ ଦିଆଯାଇଛେ । ୨ ଶହ ୨୬ ଟା ନିଯୁକ୍ତି ମେଳା କର୍‌ବାର୍ ଲାଗି ସର୍‌କାର୍ ୩ କୋଟି ୮୦ ଲାଖ୍ ଟଙ୍କା ଖର୍ଚ୍ଚା କରିଛନ୍ । ସେନ୍ତା ନିଯୁକ୍ତି ଆଧାରିତ୍ ତାଲିମ୍ କାର୍ଯ୍ୟକ୍ରମ୍ ଜରିଏ ଗଲା ୫ ବଛର୍ ଭିତ୍‌ରେ ୩୬ ହଜାର୍ ୩ ଶହ ୨୯ ଝନ୍‌କୁ ତାଲିମ୍ ଦିଆଯାଇଥିବାର୍ ବେଲେ ୧୫ ହଜାର୍ ୩୮ ଝନ୍ ନିଯୁକ୍ତି ପାଇଛନ୍ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ । ଆଉଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍ ଯେ, ଗଲା ୫ ବଛର୍ ଭିତ୍‌ରେ ୧୨ ଲାଖ୍ ୧୩ ହଜାର୍ ୯ ଶହ ୨୪ ଝନ୍ ଚାକିରୀ ଲାଗି ପଞ୍ଜିକରଣ୍ କରିଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୨ ହଜାର୍ ୨ ଶହ ୭୪ ଝନ୍‌କୁ ନିଯୁକ୍ତି ମିଳିଛେ ।

ସମୀକ୍ଷା- ପାନୀୟ ଜଳ ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଲିଥିବା ଭିନ୍ ଭିନ୍ ପାନୀୟ ଜଳ ପ୍ରକଳ୍ପକେ ବିଭାଗ୍ ବିଭାଗ୍ ଭିତ୍‌ରେ ସମନ୍ୱୟ ରକ୍ଷା କରିକରି ଆଗ୍‌କେ ନେବାର୍‌କେ ପଂଚାୟତ୍‌ରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ କହିଛନ୍ ଯେ, ସମସ୍ତଙ୍କୁ ବିଶୁଦ୍ଧ ପିଇବାର୍ ପାଏନ୍ ଯୁଗାବାର୍‌ଟା ରାଜ୍ୟସର୍‌କାର୍‌ଙ୍କର୍ ପ୍ରାଥମିକ୍ ଲକ୍ଷ୍ୟ ଆଏ । ମେଗା ପାଇପ୍ ଜଳ ପ୍ରକଳ୍ପ କାମ୍ ମାନ୍‌କୁ ତୁର୍‌ତି କର୍‌ବାର୍ ଲାଗି ସେ ବିଭାଗ୍‌ର ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଜମି ଅଧିଗ୍ରହଣ୍, ଜଙ୍ଗଲ୍ ଜମି ହସ୍ତାନ୍ତର୍ ଆଉ ଡିପିଆର୍ ତୟାରିର୍ ଲାଗି ରାଜସ୍ୱ, ଶକ୍ତି, ପୂର୍ତ୍ତ ବିଭାଗ୍ ଭିତ୍‌ରେ ସମନ୍ୱୟର୍ ଉପ୍‌ରେ ସେ ଜୋର୍ ଦେଇଥିଲେ ।

ମହାପରିନିର୍ବାଣ ଦିବସ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ସମ୍ବିଧାନ୍ କର୍ଣ୍ଣଧାର ଡକ୍ଟର୍ ବି.ଆର୍. ଆମ୍ବେଦ୍‌କର୍‌ଙ୍କର ୬୮ ନମ୍ବର୍ ଶ୍ରାଦ୍ଧବାର୍ଷିକୀଥି ଆଏଜ୍ ଦେଶ୍‌ସାରା ମହାନିର୍ବାଣ ଦିବସ୍ ପାଲନ୍ କରାଯାଉଛେ । ଦେଶ୍ ନିର୍ମାଣ୍‌ଥି ଡକ୍ଟର୍ ଆମ୍ବେଦକରଙ୍କର୍ ଅବଦାନ୍‌କେ ସୋର୍ ପକେଇକରି ଆଏଜ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍

କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ସଖାଲେ ଭୁବ୍‌ନେଶ୍ୱର୍ ଠାନେ ଡକ୍ଟର୍ ବି.ଆର୍. ଆମ୍ବେଦକରଙ୍କର୍ ପୁଣ୍ୟତିଥିଥି ଏଜି ଛକ୍ ଠାକେ ଥିବା ଡକ୍ଟର୍ ଆମ୍ବେଦକରଙ୍କର୍ ପ୍ରତିମୂର୍ତି ନ ମାଲ୍ୟାର୍ପଣ୍ କରିକରି ଶ୍ରଦ୍ଧାଞ୍ଜଲି ଜ୍ଞାପନ୍ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି ଲେଖିଛନ୍ ଯେ, ସମାଜ୍ ନ ଥିବାର୍ ଭେଦ୍ ଭାବ୍‌କେ ଦୂର୍ କର୍‌ବାର୍‌ଥି ଡକ୍ଟର୍ ଆମ୍ବେଦକରଙ୍କର୍ ଅବଦାନ୍ ଚିର ସ୍ମରଣୀୟ ହେଇ ରହେବା । ଆଉ ଫି’ ପିଢ଼ିକେ ପ୍ରେରଣା ଦେବା ।

ରାଜ୍ୟପାଲ୍ ରଘୁବର୍ ଦାସ ଡକ୍ଟର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇକରି କହିଛନ୍ ଯେ, ଡକ୍ଟର୍ ଆମ୍ବେଦକରଙ୍କର୍ ଜୀବନ୍ ଦର୍ଶନ୍ ସମସ୍ତଙ୍କର୍ ଲାଗି ପ୍ରେରଣାର୍ ଉତ୍ସ ଆଏ । ଶୋଷିତ ଆଉ ବଂଚିତଙ୍କର୍ ଅଧିକାର୍ ଲାଗି ସେ ଜୀବନ୍ ସାରା ଲଢ଼ିଥିଲେ । ସମାଜ୍‌କେ ଶିକ୍ଷିତ୍ କର୍‌ବାର୍‌ଥି ତାଙ୍କର୍ ପ୍ରୟାସ୍ ସବୁବେଲେ ସ୍ମରଣୀୟ ରହେବା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଡକ୍ଟର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ଯେ, ସାମାଜିକ୍ ନ୍ୟାୟର୍ ପୁରୋଧା ଡକ୍ଟର୍ ଆମ୍ବେଦକର୍ ନିଜର୍ ବିଚାର୍, ସଂଘର୍ଷ ଆର୍ ଅତୁଲନୀୟ ଅବଦାନ୍ ବଲେ ସମ୍ବିଧାନ୍ ରଚନା କର୍‌ବାର୍ ସହେତେ

ସମାଜ୍‌ର ବଂଚିତ୍ ଆଉ ଉପେକ୍ଷିତ୍ ବର୍ଗଙ୍କର୍ ସମ୍ମାନ୍‌ର ଅଧିକାର୍ ଲାଗି ମାର୍ଗ ପ୍ରଶସ୍ତ କରିଥିଲେ ।

ଏମ୍‌ସିଏଲ୍- ଷ୍ଟାର୍ଟଅପ୍ ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଉଦ୍ୟମିତା ଆଉ ଷ୍ଟାର୍ଟଅପ୍‌ର ବିକାଶ୍ ଲାଗି ମହାନଦୀ କୋଇଲା କମ୍ପାନୀ ଏମ୍‌ସିଏଲ୍ ତର୍‌ଫୁ ସାମାଜିକ୍ ଦାୟିତ୍ୱବୋଧ ପାଣ୍ଠି ଜରିଏ ୪ କୋଟି ୬୫ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା । ଇଥି ରାଏଜେ ୩୦ ଟା ଷ୍ଟାର୍ଟଅପ୍ ଥାପ୍‌ନା ଆର୍ ଚଲାବାର୍ ଲାଗି ଦର୍‌କାରୀ ସାହାଜ୍ ଯୁଗେଇ ଦିଆଯିବା । ଇ ବାବ୍‌ଦେ ଏନ୍‌ଆଇଟି ରାଉର୍‌କେଲାର୍ ଫାଉଣ୍ଡେସନ୍ ଫର୍ ଟେକ୍ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର୍ ସହେତେ ଏମ୍‌ସିଏଲ୍‌ର ଗୁଟେ ବୁଝାମଣାପତ୍ର ସ୍ୱାକ୍ଷର୍ କରାଯାଇଛେ ।

ଆଇଆଇଏମ୍ ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ଜାତୀୟ ମାନବ ସମ୍ବଳ ବିକାଶ୍ ନେଟ୍‌ୱାର୍କର ନୂଆଁ ଚାପ୍ଟର୍ ଘୋଷ୍‌ନା କରାଯିବା । ଦେଶର୍ ପହେଲା ଆଇଆଇଏମ୍ ଭାବେ ସମ୍ବଲ୍‌ପୁର୍ ନ ଇ ଶାଖା ଥାପ୍‌ନା କରାଯିବା । ଦେଶେ ମାନବ୍ ସମ୍ବଳର ବିକାଶ୍ ଆଉ

ବୌଦ୍ଧିକ ନେତୃତ୍ୱର୍ ଲାଗି ପରିବେଶ୍ ସୃଷ୍ଟି କର୍‌ବାର୍‌କେ ପେଶାଦାର୍ ମାନବ୍ ସମ୍ବଲ, ଶିକ୍ଷାବିତ୍ ଆର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଗୁଟେ ପ୍ଲାଟ୍‌ଫର୍ମ ଇ ପଦକ୍ଷେପ୍ ଜରିଏ ଯୁଗେଇ ଦିଆଯିବା । ଦେଶେ ଇଟା ପୁର୍‌ଥିର୍ ୫୨ ନମ୍ବର୍ ଚାପ୍ଟର୍ ହେବା ବଲି ଜନାପଡ଼ିଛେ ।

ଲୋକମହୋତ୍ସବ୍ -ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ ଆଏବା ଜାନୁଆରୀ ମାସ ୪ ତାରିଖ୍‌ନୁ ୮ ତାରିଖ୍‌ତକ୍ ୫ ଦିନ୍ ଧରିକରି ଲୋକନୃତ୍ୟ ଆଉ ସଂଗୀତ୍‌ର କାର୍ଯ୍ୟକ୍ରମ୍ ୨୭ ନମ୍ବର୍ ଲୋକମହୋତ୍ସବ୍ ଆୟୋଜନ୍ କରାଯିବା । ଇଥିର୍‌ଲାଗି ୧୭ ଟା ଉପକମିଟି ଗଠନ୍ କରାଯାଇଛେ । ଗଲାହପ୍ତା ମହୋତ୍ସବ୍‌ର ତୟାରି ବାବ୍‌ଦେ ଗୁଟେ ବୈଠକ୍ ହେଇଥିଲା । ଗଲାକାଏଲ୍ ମହୋତ୍ସବ୍ ଆୟୋଜନ୍ କମିଟିର୍ ସଂଯୋଜକ, ସହସଂଯୋଜକ ଆର୍ ଅଲ୍‌ଗା ଉପକମିଟିର୍ ଆବାହକମାନ୍‌କର୍ ନାଁ ଜିଲ୍ଲା ସଂସ୍କୃତି ବିଭାଗ୍ ତର୍‌ଫୁ ଘୋଷ୍‌ନା କରାଯାଇଛେ ।

ବିଧାନ୍‌ସଭା-୩ ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ନ ଆଏଜ୍ ପୋଲାଭରମ୍ ପ୍ରକଳ୍ପକେ ନେଇକରି ବିରୋଧୀ ସଦସ୍ୟଙ୍କର୍ କିର୍ଲାଗଗା ଲାଗି ବାଚସ୍ପତି ସୁରମା ପାଢ଼ୀ ଗୃହକେ ଉପର୍‌ବେଲାର୍ ୪ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ପୋଲାଭରମ୍ ବିଷେ କୋର୍ଟ ନ ବିଚାରାଧୀନ୍ ଥିବାର୍‌ନୁ କଂଗ୍ରେସ୍‌ର ମୁଲ୍‌ତବୀ ପ୍ରସ୍ତାବ୍‌କେ ଅଗ୍ରାହ୍ୟ କରାଯାଇଛେ ବଲି ବାଚସ୍ପତି କହିଛନ୍ । ଗଲାକାଏଲ୍ କଂଗ୍ରେସ୍ ତର୍‌ଫୁ ଇ ବାବ୍‌ଦେ ନୋଟିସ୍ ଦିଆଯିବାର୍ ଉତ୍‌ରୁ ବିଭାଗ୍‌ର ମନ୍ତ୍ରୀଙ୍କର୍ ପାଖ୍‌କେ ପଠାଯାଇଥିଲା । ବିଧାନ୍‌ସଭାର୍ ବିଧି ଅନ୍‌ସାରେ ମାମ୍‌ଲା ବିଚାରାଧୀନ୍ ଥିବାର୍‌ନୁ ଇ ବାବ୍‌ଦେ ଗୃହ ନ ଆଲୋଚନା ନାଇଁ ହେଇପାରି ବଲି ବାଚସ୍ପତି କହିଛନ୍ ।

ଘୋଡ଼୍‌ଲାଗି ନୀତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ମଗ୍‌ଶିର୍ ମାସର୍ ଉଜଲ୍‌ପଖର୍ ଷଷ୍ଠୀ ତିଥି ନ ଉଢ଼ନ୍ ଷଷ୍ଠୀ ଅବ୍‌ସରେ ଶ୍ରୀଜୀଉମାନ୍‌କର୍ ଘୋଡ଼୍‌ଲାଗି ନୀତି ଅନୁଷ୍ଠିତ୍ ହେବା । ପରମ୍ପରା ଅନ୍‌ସାରେ ଶ୍ରୀଜୀଉମାନେ ଶୀତର୍ ଲାଗି ଶୀତବସ୍ତ୍ର ପିନ୍ଧ୍‌ବାର୍ ବିଧି ରହିଛେ । ମହାପ୍ରଭୁଙ୍କର୍ ଇ ବିଧି ଆଏବା ବସନ୍ତ ପଂଚ୍‌ମୀତକ୍ ଫି’ ଦିନ ସମ୍ପାଦନ୍ ହେବା ।

ଆଏଜ୍ ଶ୍ରୀମନ୍ଦିର୍ ନ ଘୋଡ଼ ଅଧିବାସ ନୀତି ସମ୍ପାଦନା କରାଯିବା । ଶ୍ରୀମନ୍ଦିର୍ ନ ରାତି ସମିଆଥି ଚନ୍ଦନ୍ ଲାଗି ନୀତି ଉତ୍ରୁ ତିଆର୍ ହେଇଥିବା ସବୁ ଘୋଡ଼କେ ଅଧିବାସ କରିକରି ରଖାଯିବା । ଆଏବା କାଏଲ୍ ଅଧିବାସିତ ଘୋଡ଼ ଲାଗି କରାଯିବା ବଲି ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ରାଏଜେ ଶୀତ୍ ଟିକେ ବଢୁଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨ ଦିନ୍ ଭିତ୍ରେ ରାଜ୍ୟର୍ ଜିଲ୍ଲାମାନ୍କେ ତାତି ୨ ଡିଗ୍ରୀନୁ ୪ ଡିଗ୍ରୀ ସେଲ୍ସିଅସ୍ କମ୍ବାର୍ ଅନୁମାନ୍ ରହିଛେ । ସେନ୍ତା ଆଏବା ୨ ଦିନ୍ ସୁନ୍ଦର୍ଗଡ଼୍, କଲାହାଣ୍ଡି, କନ୍ଧମାଲ୍ ବାଗିର୍ ଭିନ୍ ଭିନ୍ ଜିଲ୍ଲା ନ ହାଲ୍କାନୁ ମଧ୍ୟମ୍ ଧରଣର୍ କୁହୁଡ଼ୁ ହେଇପାରେ । ସେଆଡ଼େ ଆଏବା ୪ ଦିନ୍ତକ୍ ରାଜ୍ୟର୍ କେତେଟା ଜାଗା ନ ଟିକେ ରଂଚେ ବର୍ଷା ହେବାର୍ ନେଇକରି ପାଣିପାଗ୍ କେନ୍ଦ୍ର ତର୍ଫୁ ଆଗ୍ତୁରା ଅନୁମାନ୍ କରାଯାଇଛେ ।